# ପୁରୁଷୋତ୍ତମ ଶ୍ରୀଜଗନ୍ନାଥ

● ପଣ୍ଡିତ ଶ୍ରୀ ନୀଳାମ୍ବର ନନ୍ଦ

ନୀଳାଦ୍ରିକେଶରୀ, ଅପୌରୁଷେୟ, ଦାରୁବ୍ରହ୍ମ ଶ୍ରୀପୁରୁଷୋତ୍ତମ ନୀଳସାଗର ତୀରରେ ନିତ୍ୟ ବିଦ୍ୟମାନ । ପୂର୍ଣ୍ଣ ଜ୍ୟୋତିର୍ମୟ, ସତ୍ୟ, ଜ୍ଞାନ, ଅନନ୍ତ ପରଂବ୍ରହ୍ମଙ୍କୁ ଜାଣି ପାରିଲେ ପରମ ପଦ ପ୍ରାପ୍ତି ହୁଏ । ଜଗତ୍‌ବନ୍ଧୁ ଶ୍ରୀଜଗନ୍ନାଥ ସର୍ବଲୋକର ମହାନ୍ ଈଶ୍ୱର, ସକଳଜୀବର ପରମ ବନ୍ଧୁ, ପିତା, ମାତା ଓ ସର୍ବନିୟନ୍ତା ହରି ରୂପେ ଉପାସିତ ହୋଇ ଆସୁଛନ୍ତି । ସେହି ପୁରୁଷୋତ୍ତମଙ୍କର ଦିବ୍ୟ ଜ୍ଞାନର ପ୍ରଭାବରେ ବିଶ୍ୱରୁ ସମସ୍ତ ସଂକଟ, ସଂକୀର୍ଣ୍ଣତା ଓ ଅଶାନ୍ତି ଦୂର ହେବାର ଅଭୟବାଣୀ, ଅପୌରୁଷେୟ ବେଦବାକ୍ୟ ଠାରୁ ଗୀତା, ଭାଗବତ, ବ୍ରହ୍ମ ପୁରାଣ, ସ୍କନ୍ଦ ପୁରାଣ ପ୍ରଭୃତିରେ ଲିପିବଦ୍ଧ କରାଯାଇଛି ।

ଋଗ୍‌ବେଦର ୧୦ମ ମଣ୍ଡଳର ୧୫୫ ସୂକ୍ତର ତୃତୀୟ ମନ୍ତ୍ରରେ 'ଦାରୁବ୍ରହ୍ମ'ଙ୍କୁ ସ୍ତୁତି କରାଯାଇଛି । ଏହି ମନ୍ତ୍ରର ଋଷି ଭରଦ୍ୱାଜଙ୍କ ପୁତ୍ର ଶିରିମ୍ବିଷ୍ଠ, ଏହାର ଛନ୍ଦ ଅନୁଷ୍ଟୁଭ ଓ ଦେବତା ହେଉଛନ୍ତି ବ୍ରହ୍ମଣସ୍ପତି । ଏହି ସୂକ୍ତଟିର ଜପ ହୋମ ଓ ପଠନ ଅଲକ୍ଷ୍ମୀନାଶନ ଉଦ୍ଦେଶ୍ୟରେ କରାଯାଏ । ସାୟଣାଚାର୍ଯ୍ୟଙ୍କ ଭାଷ୍ୟ ଅନୁଯାୟୀ ସମୁଦ୍ର ତୀରରେ କୌଣସି ପୁରୁଷ ବିଶେଷଙ୍କ ଦ୍ୱାରା ନିର୍ମିତ ହୋଇ ନ ଥିବା ଦାରୁବ୍ରହ୍ମ ପୁରୁଷୋତ୍ତମଙ୍କୁ ଅବଲମ୍ବନ ବା ଉପାସନା କରିବାକୁ କୁହାଯାଇଛି । ପୁରାଣମାନଙ୍କ ମଧ୍ୟରେ ବ୍ରହ୍ମପୁରାଣ ଓ ସ୍କନ୍ଦପୁରାଣରେ ପୁରୁଷୋତ୍ତମଙ୍କ ମହିମା ଅତି ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି । ବ୍ରହ୍ମ ପୁରାଣରେ ଦାରୁବ୍ରହ୍ମଙ୍କ ଉପାସନାରେ ସମସ୍ତ ପାପ ଦୂର ହୁଏ ବୋଲି କୁହାଯାଇଛି । ଯଥା -

**ନ୍ୟଗ୍ରୋଧରୂପଂ ଦୃଷ୍ଟ୍ୱାପି ନାରାୟଣମକଲ୍ମଷଂ**
**ନିଷ୍ପାପୋ ଜାୟତେ ମର୍ତ୍ତ୍ୟଃ କିମୁତଂ ପୂଜୟନ୍ ସ୍ତୁବନ୍**

'ବିଷ୍ଣୁ ସହସ୍ର ନାମ'ରେ ଜଗନ୍ନାଥଙ୍କୁ ଲକ୍ଷ୍ୟ କରି ଯୁଧିଷ୍ଠିରଙ୍କର ପ୍ରଶ୍ନର ଉତ୍ତରରେ ଭୀଷ୍ମଦେବ ଯଥାର୍ଥରେ କହିଛନ୍ତି,

**ଜଗତ୍‌ପ୍ରଭୁଂ ଦେବଦେବଂ ଅନନ୍ତଂ ପୁରୁଷୋତ୍ତମଂ**

X X X X

**ତସ୍ୟ ଲୋକପ୍ରଧାନସ୍ୟ ଜଗନ୍ନାଥସ୍ୟ ଭୂପତେଃ**

X X X X

'ବାମନ ପୁରାଣ'ରେ ବଳିଙ୍କ ଧ୍ୟାନରେ ମଧ୍ୟ ପୁରୁଷୋତ୍ତମଙ୍କର ନିମ୍ନଲିଖିତ ବର୍ଣ୍ଣନା କରାଯାଇଛି ।

**ନମୋଽସ୍ତୁତେ କାରଣବାମନାୟ**
**ନାରାୟଣାମିତବିକ୍ରମାୟ**
**ଶଙ୍ଖଚକ୍ରାବ୍ଜଗଦାଧରାୟ**
**ନମୋଽସ୍ତୁ ତସ୍ମୈ ପୁରୁଷୋତ୍ତମାୟ**

କିନ୍ତୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ ଭଗବତ୍ ଗୀତାରେ ଯେଉଁ ଲୋକ ଓ ବେଦରେ ପ୍ରଥିତ ପୁରୁଷୋତ୍ତମଙ୍କ ବିଷୟରେ କୁହାଯାଇଛି, ସେ ହିଁ ଦାରୁବ୍ରହ୍ମ ଜଗନ୍ନାଥ । ପ୍ରକୃତରେ ସର୍ବ ଦେବାଦେବୀ ରୂପରେ ଏକ ପୁରୁଷୋତ୍ତମଙ୍କ ଅର୍ଚ୍ଚନା ହିଁ ଗୀତାର ରହସ୍ୟମୟ ଶିକ୍ଷା ।

ପଦ୍ମ ପୁରାଣରେ ମଧ୍ୟ ଶ୍ରୀକ୍ଷେତ୍ର ଓ ପୁରୁଷୋତ୍ତମଙ୍କ ମହିମା ବିଷୟରେ ଯଥାର୍ଥରେ କୁହାଯାଇଛି :-

**ସତ୍ୟଂ ସତ୍ୟଂ ପୁନଃ ସତ୍ୟଂ**
**କ୍ଷେତ୍ରଂ ତଂ ପରମଂ ମହତ୍**
**ପୁରୁଷାଖ୍ୟଂ ସକୃତ୍ ଦୃଷ୍ଟ୍ୱା**
**ସାଗରାନ୍ତଂ ସକୃତ୍ ମୃତଃ**
**ବ୍ରହ୍ମବିଦ୍ୟା ସକୃତ୍ ଜପ୍ତ୍ୱା**
**ଗର୍ଭବାସୋ ନ ବିଦ୍ୟତେ ।**

ବାସ୍ତବରେ ଜଗନ୍ନାଥ ପୂର୍ଣ୍ଣବ୍ରହ୍ମ ରୂପେ ସ୍ୱୟଂ ସଚ୍ଚିଦାନନ୍ଦ ବିଗ୍ରହ । ସେହି ସଚ୍ଚିଦାନନ୍ଦଙ୍କ ଉପସ୍ଥିତିରେ ମାନବାତ୍ମା ପରମ ଶାନ୍ତି, ଗଭୀର ଆନନ୍ଦ ଓ ଅନନ୍ତ ଆଲୋକର ସନ୍ଧାନ ପାଇଥାଏ । ସର୍ବହରାର ସର୍ବସ୍ୱ ରୂପେ ସେ ସାମ୍ୟବାଦର ପ୍ରତୀକ ।

ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡର ଦଶମ ଅଧ୍ୟାୟରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ଦ୍ୱିଜ ବିଦ୍ୟାପତି ପୁରୁଷୋତ୍ତମଙ୍କର ଅଦ୍‌ଭୁତ ବୃତ୍ତାନ୍ତ ବିଷୟରେ କହିଥିଲେ, 'ନୀଳଗିରି ଶ୍ରୀକ୍ଷେତ୍ରର ନାଭି ଭଳି ଶୋଭା ପାଉଛି । ସେହି ନୀଳଗିରି ଶୃଙ୍ଗରେ ଏକ କଳ୍ପକାଳ ସ୍ଥାୟୀ ବଟବୃକ୍ଷ ଅଛି । ସୂର୍ଯ୍ୟଙ୍କ ଗତି ସହିତ ସେହି ବୃକ୍ଷର ଛାୟାରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ଏହାର ପଶ୍ଚିମକୁ ପାପହାରୀ ଜଳପୂର୍ଣ୍ଣ ରୋହିଣୀ କୁଣ୍ଡ ରହିଛି । ସେହି କୁଣ୍ଡର ବାହାରେ ଏକ ସ୍ଫଟିକ ମଣିମୟ ବେଦୀର ମଧ୍ୟଭାଗରେ ସ୍ୱର୍ଣ୍ଣ ପଦ୍ମରେ ଅବସ୍ଥିତ ଇନ୍ଦ୍ର ନୀଳମଣିମୟ ମୂର୍ତ୍ତି ବିରାଜିତ । ଯେଉଁମାନେ ପୁରୁଷୋତ୍ତମ

କ୍ଷେତ୍ରସ୍ଥ ଏହି ନୀଳମୂର୍ତ୍ତି ବିଷ୍ଣୁଙ୍କୁ ଧ୍ୟାନ କରନ୍ତି, ସେମାନେ ଶୋକମୁକ୍ତ ହୋଇ ବିଷ୍ଣୁପୁରରେ ଅବସ୍ଥାନ କରନ୍ତି' ।

ପୁରୁଷୋତ୍ତମ ଦର୍ଶନ ଏକ ବଳିଷ୍ଠ ମାନବବାଦୀ ପ୍ରତ୍ୟକ୍ଷ ଭାଗବତ ଧର୍ମ । ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ ରୂପରେ ନିତ୍ୟ ଲୀଳା କରୁଛନ୍ତି । ତାଙ୍କର ରହସ୍ୟ ଜାଣି ପାରିଲେ ପୁରୁଷୋତ୍ତମଙ୍କର ସର୍ବଭାବର ଉପାସନା ହୁଏ । ଅନନ୍ତ ପୁରୁଷୋତ୍ତମଙ୍କର ସାର୍ବଭୌମ ଦର୍ଶନ ମଧ୍ୟରୁ ସିଦ୍ଧ ସନ୍ଥମାନେ ପଞ୍ଚବିଧ ଭାବନାକୁ ଉପଲବ୍ଧି କରିଥାନ୍ତି । ତାହା ହେଲା ସତ୍ତ୍ୱ ଶୁଦ୍ଧ ଆତ୍ମ୍ ଚୈତନ୍ୟ, ଜ୍ଞାନସିଦ୍ଧ ପ୍ରଜ୍ଞ ଚୈତନ୍ୟ, ବିଶ୍ୱବ୍ୟାପ୍ତ ମୁକ୍ତ ଚେତନା, ଲୀଳାସିଦ୍ଧ ଭକ୍ତିଚେତନା ଏବଂ ଅପ୍ରାକୃତ ଦିବ୍ୟଚେତନା ।

ଯୁଗେ ଯୁଗେ ଶ୍ରୀକ୍ଷେତ୍ର ପୁରୁଷୋତ୍ତମ ଲୀଳାର ସର୍ବଶ୍ରେଷ୍ଠ ଧାମ ରୂପେ ବିଦ୍ୟମାନ । ଉପନିଷଦର ଅଙ୍ଗୁଷ୍ଠ ମାତ୍ର ପୁରୁଷଙ୍କୁ ଶରୀର-ରଥସ୍ଥ ବାମନ ରୂପୀ 'ପ୍ରଣବ ବ୍ରହ୍ମ'ଙ୍କ ଦର୍ଶନ ରୂପେ ଜଗନ୍ନାଥ ଦର୍ଶନରେ ଉପଲବ୍ଧି କରାଯାଏ । ବେଦ, ଉପନିଷଦର ସାରତତ୍ତ୍ୱକୁ ଜଗନ୍ନାଥଙ୍କ ଭକ୍ତମାନେ ତାଙ୍କ ଅପାର କରୁଣାରୁ ଦାରୁବ୍ରହ୍ମଙ୍କ ଦର୍ଶନରେ ହିଁ ଅନୁଭବ କରିପାରିଛନ୍ତି ।

ପୁରୁଷୋତ୍ତମ ଦର୍ଶନ ସଂପର୍କରେ ସିଦ୍ଧାନ୍ତ ଡ଼ମ୍ବରୁ, ବିଷ୍ଣୁଗର୍ଭ ପୁରାଣ, ବିରାଟ ଗୀତା, ଶୂନ୍ୟସଂହିତା, ପ୍ରେମଭକ୍ତି ଗୀତା, ଜଗନ୍ନାଥ ଚରିତାମୃତ, ସପ୍ତାଙ୍ଗ ଯୋଗସାର ଟୀକା ପ୍ରଭୃତି ଗ୍ରନ୍ଥରେ ବିଶେଷ ଶିକ୍ଷା ପ୍ରଦାନ କରାଯାଇଛି । ଶାରଦା ତିଳକ, ଗୋପାଳାର୍ଚ୍ଚନ ପଦ୍ଧତି, ଗୌତମୀୟ ତନ୍ତ୍ର ଓ ତନ୍ତ୍ରସାର ପ୍ରଭୃତି ଗ୍ରନ୍ଥରେ ଜଗନ୍ନାଥଙ୍କର ପୁରୁଷୋତ୍ତମ ବୈଭବ ପ୍ରକାଶ କରାଯାଇଛି । ଯଥାର୍ଥରେ 'ଶାରଦା ତିଳକ'ରେ କୁହାଯାଇଛି :-

**ଦେବଂ ଶ୍ରୀ ପୁରୁଷୋତ୍ତମଂ କମଳୟା ସ୍ୱାଙ୍କସ୍ଥୟା ପଙ୍କଜଂ**

ଏହାର ଶ୍ରୁତିଫଳରେ କୁହାଯାଇଛି ଯେ ସାଧକ ପୁରୁଷୋତ୍ତମଙ୍କ ଉପାସନା ବଳରେ ପୁରୁଷାର୍ଥଚତୁଷ୍ଟୟ ଲାଭ କରିଥାଏ । ସେହିପରି 'ଗୋପାଳାର୍ଚ୍ଚନ ପଦ୍ଧତି'ରେ ଜଗନ୍ନାଥଙ୍କ ଧ୍ୟାନରେ ପୁରୁଷୋତ୍ତମଙ୍କ ମହିମା ପ୍ରକାଶିତ ହୋଇଛି । ଯଥା :-

**ଫୁଲ୍ଲାରବିନ୍ଦବଦନଂ ପୀତନିର୍ମଳବାସସଂ**
**ପଙ୍କଜାସନମଧ୍ୟସ୍ଥଂ ଶୁଦ୍ଧଂ ଜମ୍ବୁନଦପ୍ରଭଂ**

X X X X

**ସୋହମସ୍ମ୍ୟତ୍ୟଭେଦେନ ଚିନ୍ତୟେତ୍ ପୁରୁଷୋତ୍ତମମ୍**

'ଶାରଦା ତିଳକ' ମତରେ ଶ୍ରୀପୁରୁଷୋତ୍ତମଙ୍କ ନିୟମିତ ଅର୍ଚ୍ଚନାରେ ମନୁଷ୍ୟ ସଂପଦ, ଭାଗ୍ୟ, ଗୌରବ, ଦୀର୍ଘ ଆୟୁ ଇତ୍ୟାଦି ଲାଭ କରେ ।

ଶ୍ରୀମନ୍ଦିରରେ ପୁରୁଷୋତ୍ତମଙ୍କର ସେବା ନୀତି ନୀଳାଦ୍ରି ମହୋଦୟ, କ୍ଷେତ୍ର ମାହାତ୍ମ୍ୟ ଓ ଗଦାଧର ପଦ୍ଧତି ମତରେ ସମାହିତ ହୁଏ । ତଦନୁଯାୟୀ ସକାଳ ପାଞ୍ଚଘଣ୍ଟା ସମୟରେ ମଙ୍ଗଳାଳତୀ କରାଯାଏ । ମାନବଧର୍ମୀ ଜଗନ୍ନାଥଙ୍କୁ ସେବକମାନେ ପ୍ରତ୍ୟହ ଦନ୍ତମାର୍ଜନ, ସ୍ନାନ, ପୋଷାକ ପରିଧାନ, ପୁଷ୍ପମାଳା ପ୍ରଦାନ ଓ ଅନ୍ନ ବ୍ୟଞ୍ଜନ କ୍ଷୀରିପିଠା ପ୍ରଭୃତି ଭୋଗ ସମର୍ପଣ କରିଥାନ୍ତି । ସଂଧ୍ୟାରେ ଆରତୀ ହୁଏ । ରାତ୍ରିରେ ତୁଳସୀ ଓ ସୁଗନ୍ଧ ପୁଷ୍ପର ମାଳା ପିନ୍ଧାଇ ସୁନ୍ଦର ପୋଷାକରେ ସଜ୍ଜିତ କରାଯାଏ ଓ ବଡ଼ସିଂହାର ବେଶ କରାଯାଏ, ଗୀତଗୋବିନ୍ଦ ଗାନ କରାଯାଏ ।

ପୁରୁଷୋତ୍ତମ ଦର୍ଶନରେ ନାରୀର ସ୍ଥାନ ସମାଜରେ ସର୍ବୋଚ୍ଚ ସ୍ତରକୁ ଯାଇପାରିଛି । ମାତୃଭାବର ପୂଜା ଦ୍ୱାରା ମହାଶକ୍ତି ବିମଳାପୀଠର ମହିମା ସୁବିଦିତ । ସୁଭଦ୍ରାଙ୍କୁ ଦୁଇ ଭାଇଙ୍କ ସହିତ ରତ୍ନ୍ ସିଂହାସନରେ ସମାନ ମର୍ଯ୍ୟାଦା ଦିଆଯାଇଛି । ପତ୍ନୀ ଭାବରେ ମହାଲକ୍ଷ୍ମୀଙ୍କୁ ଗୃହଲକ୍ଷ୍ମୀ ରୂପେ ଶ୍ରେଷ୍ଠ ସମ୍ମାନ ପ୍ରଦର୍ଶନ କରାଯାଇଛି ।

ଶ୍ରୀ ଅରବିନ୍ଦ ଯଥାର୍ଥରେ କହିଥିଲେ ଯେ, ପୁରୁଷୋତ୍ତମ ହିଁ ସଚ୍ଚିଦାନନ୍ଦ ବ୍ରହ୍ମ । ସେ ଉଭୟ ସସୀମ ଓ ଅସୀମ; ବ୍ୟକ୍ତ ଓ ଅବ୍ୟକ୍ତ; ପୁରୁଷ ଓ ସ୍ତ୍ରୀ; ଗତିଶୀଳ ଓ ଗତିହୀନ । ବାସ୍ତବରେ ଦାରୁବ୍ରହ୍ମ ଏହି ସମସ୍ତ ଗୁଣର ଅଧିକାରୀ ରୂପେ ପ୍ରେମ ଭକ୍ତି ମାଧ୍ୟମରେ ସମଗ୍ର ଜନସମାଜକୁ ଆକର୍ଷିତ କରି ଆସୁଛନ୍ତି ।

'ଯଥାଦେହେ ତଥା ଦେବେ' ନୀତିରେ ପ୍ରତି ବାର ବର୍ଷରେ ବା କୋଡ଼ିଏ ବର୍ଷରେ ଦୁଇଟି ଆଷାଢ଼ ପଡୁଥିବା ବେଳେ ସେହି ପୁରୁଷୋତ୍ତମଙ୍କର ଅଭ୍ୟନ୍ତରରେ ଥିବା ରହସ୍ୟମୟ 'ବ୍ରହ୍ମ' ପଦାର୍ଥର ସଂସ୍ଥାପନ ପାଇଁ ନବକଳେବର ନୀତିରେ ବନଯାଗ ପ୍ରଭୃତି କରାଯାଇ ଦାରୁ ଅନ୍ୱେଷଣ କରାଯାଏ । କାକଟପୁର ମଙ୍ଗଳାଙ୍କ ସ୍ୱପ୍ନାଦେଶ ବଳରେ ଦଇତାପତି, ବ୍ରାହ୍ମଣ ଓ ଅନ୍ୟ ସେବକମାନେ ଦାରୁ ଚିହ୍ନଟ କରନ୍ତି ଓ ସେହି ଦାରୁକୁ କୋଇଲି ବୈକୁଣ୍ଠରେ ରଖାଯାଇ ନୂତନ ବିଗ୍ରହ ନିର୍ମାଣ କରାଯାଏ । ସେହି ନୂତନ ବିଗ୍ରହରେ ରହସ୍ୟମୟ ବ୍ରହ୍ମଙ୍କୁ ସଂସ୍ଥାପନ କରାଯିବା ପରେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଦାରୁବ୍ରହ୍ମଙ୍କର ପତିତପାବନ ଯାତ୍ରା ବା ଘୋଷଯାତ୍ରା ବା ରଥଯାତ୍ରା ଅନୁଷ୍ଠିତ ହୋଇଥାଏ ।

ଯୁଗେ ଯୁଗେ ଓଡ଼ିଆ ଜାତି ଓ ସମଗ୍ର ମାନବ ସମାଜକୁ ସକଳ ବାଧାବିଘ୍ନରୁ ରକ୍ଷା କରି ନନ୍ଦିଘୋଷ ଉପରେ ବିରାଜିତ ଶ୍ରୀପୁରୁଷୋତ୍ତମ ସାମ୍ୟ, ଏକତା, ମୈତ୍ରୀ, ଅଭୟ, ଭକ୍ତି, ମୁକ୍ତି ଓ ପରମାନନ୍ଦର ଆଶୀଷ ପ୍ରଦାନ କରି ଆସୁଛନ୍ତି ।

❒❒❒

**ଗୋପୀନାଥପୁର, ପୁରୀ**